## ୧୮୫୫ ଛାତ୍ରଛାତ୍ରୀଙ୍କ ପାଇଁ ଭିତ୍ତିଭୂମିର ସୁବିଧା ହେବ

# ବ୍ରହ୍ମପୁର ଆଇଜର୍ ପାଇଁ ଅର୍ଥ ମଞ୍ଜୁରୀ

**ନୂଆଦିଲ୍ଲୀ, ୧୦।୧୦/ ପିଆଇବି:**

ଓଡ଼ିଶାର ବ୍ରହ୍ମପୁର ଓ ଆନ୍ଧ୍ରପ୍ରଦେଶର ତିରୁପତି ଠାରେ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥାନ (ଆଇଜର)ର ଦୁଇଟି ନୂତନ ସ୍ଥାୟୀ କ୍ୟାମ୍ପସ ପ୍ରତିଷ୍ଠା କରାଯିବ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଆଇଜର କ୍ୟାମ୍ପସ ପ୍ରତିଷ୍ଠା ଓ ପରିଚାଳନା ପ୍ରସ୍ତାବକୁ ମଞ୍ଜୁର କରିଛି। ଏଥିପାଇଁ ୩୦୭୪.୧୨ କୋଟି ଟଙ୍କା (ଅଣ-ପୁନଃପୌନିକ : ୨୩୬୬.୪୮ କୋଟି ଟଙ୍କା ଏବଂ ପୁନଃପୌନିକ: ୭୦୭.୬୪ କୋଟି ଟଙ୍କା) ଖର୍ଚ୍ଚ ହେବ। ବ୍ରହ୍ମପୁର ଆଇଜର ପାଇଁ ୧୫୮୨.୭୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ତିରୁପତି ପାଇଁ ୧୪୯୧.୩୪ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ଆଇଜରରେ ସପ୍ତମ ସିପିସିର ୧୪ତମ ସ୍ତରରେ ଦୁଇଟି ରେଜିଷ୍ଟ୍ରାର ପଦବୀ ସୃଷ୍ଟି ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛି। ମୋଟ ୩୦୭୪ କୋଟି ଟଙ୍କାର ଆନୁମାନିକ ବ୍ୟୟ ମଧ୍ୟରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଏହି ସଂସ୍ଥାନର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଲାଗି ୨୩୬୬.୪୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେଥିରୁ ବ୍ରହ୍ମପୁରର କ୍ୟାମ୍ପସ୍ ପାଇଁ ୧୨୨୯.୩୨ ଓ ତିରୁପତିର କ୍ୟାମ୍ପସ୍ ପାଇଁ ୧୧୩୭.୧୬ କୋଟି ଟଙ୍କା ଖର୍ଚ୍ଚ ହେବ। ଉଭୟ ଆଇଜର ୧,୧୭,୦୦୦ ବର୍ଗମିଟର କ୍ଷେତ୍ରରେ ନିର୍ମିତ ହେବ ଏବଂ ପ୍ରତ୍ୟେକ ଆଇଜରରେ ୧୮୫୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ଭିତ୍ତିଭୂମି ସୁବିଧା ରହିବ। ଡିସେମ୍ବର ୨୦୨୧ ସୁଦ୍ଧା ଏହି ସଂସ୍ଥାନଗୁଡ଼ିକର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଶେଷ ହେବ। ଏହି ଦୁଇଟି ଆଇଜରରେ ସ୍ନାତକ ଏବଂ ସ୍ନାତକୋତର, ପିଏଚଡି ଏବଂ ସମନ୍ୱିତ ପିଏଚଡି ସ୍ତରରେ ଉଚ୍ଚ ମାନର ବିଜ୍ଞାନ ଶିକ୍ଷା ପ୍ରଦାନ କରାଯିବ। ଉଭୟ ସଂସ୍ଥାନ ବିଜ୍ଞାନର ଅଗ୍ରଣୀ କ୍ଷେତ୍ରରେ ଗବେଷଣା କାର୍ଯ୍ୟ

▶▶ ୭

Thu, Oct 11, 2018
http://odishanewsnitidin.com